# ବଡ଼ପଣ

ରାଧାନାଥ ରାୟ
(୧୮୪୮-୧୯୦୮)

**କବି ପରିଚୟ :**

ବାଲେଶ୍ୱର ଜିଲ୍ଲା ସୋରୋ ଅନ୍ତର୍ଗତ କେଦାରପୁର ଗ୍ରାମରେ ଜନ୍ମ । ପିତା ସୁନ୍ଦରନାରାୟଣ ରାୟ । ମାତା ତାରିଣୀ ଦାସୀ । ଜଣେ ମେଧାବୀ ଛାତ୍ର ମାତ୍ର ଆବାଲ୍ୟ ରୁଗ୍ଣ । ସେ ଏଫ୍.ଏ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଘରୋଇ ଭାବରେ ବି.ଏ ପଢ଼ିଥିଲେ । ସ୍କୁଲ ଶିକ୍ଷକରୁ ସେ ହେଲେ ଓଡ଼ିଶାର ଶିକ୍ଷା ବିଭାଗର ଇନ୍‌ସପେକ୍ଟର । ପ୍ରଥମେ ବଂଗଳାରେ କବିତା ଲେଖୁଥିଲେ ମାତ୍ର ପରେ ସେ ଓଡ଼ିଆରେ ଲେଖିଲେ । ଆଧୁନିକ ଓଡ଼ିଆ ସାହିତ୍ୟର ସେ ଯୁଗପ୍ରବର୍ତ୍ତକ କବି । ଚିଲିକା, ମହାଯାତ୍ରା, ଦରବାର, ନନ୍ଦିକେଶ୍ୱରୀ, ଉଷା, ପାର୍ବତୀ, ଚନ୍ଦ୍ରଭାଗା, କେଦାରଗୌରୀ ଆଦି ତାଙ୍କର କାବ୍ୟ । ଗୃହୀତ କବିତାଂଶଟି 'ଦରବାର' କାବ୍ୟର ଅଂଶ ବିଶେଷ ।

ଏହି କବିତାରେ କାଳର ସର୍ବଗାମିତ୍ୱ, ମଣିଷପଣିଆର ମହତ୍ତ୍ୱ, ଭ୍ରାନ୍ତ ଅହଂକାରର ଅସାରତା ଓ ଧର୍ମଭାବର ମହିମା ଅଭିବ୍ୟକ୍ତ ।

---

ଭଗ୍ନ ଘଟୁ, ଆହା, ସଲିଳ ଯେସନ
ସରିଯାଉଅଛି ଆୟୁ ପ୍ରତିକ୍ଷଣ,
ବଡ଼ କ୍ରୂର କାଳ ବଡ଼ ଅବିଶ୍ୱାସୀ !
ହାବୋଡ଼ି ଯିବ ସେ ଆଚମ୍ବିତେ ଆସି,
ଦୂରବର୍ତ୍ତୀ ଜାଣି କାଳକୁ ଯେ ହସେ,
ହସି ସେ ତା ପଛେ ଆସି ଲୁଚି ବସେ,
ନୀତିବେଳ ବୁଝି ଛାମୁରେ ହାଜର
ହେବ ବିଧି ତା'କୁ ନାହିଁଟି ଗୋଚର !
କେତେ ଦିନ ଖେଳୁଥିବ ଏହି ଖେଳ ?
ପାଖେଇ ଆସୁଛି ସେ ଅନ୍ତିମ ବେଳ;
ଆସୁଛି ନୀରବେ ସେହୁ ପ୍ରତିକ୍ଷଣେ
ନିତ୍ୟାଗାମି-ରଥ-ଚକ୍ର-ଆବର୍ତ୍ତନେ,
ଆୟୁ,-ସୂର୍ଯ୍ୟ ଯାଏ ତଳେ ଯେତେ ଗଡ଼ି,
ତୁମ୍ଭ ମାୟା ଯାଏ ଛାୟା ପରି ବଢ଼ି,
ମାୟା-ଟେର ତଳେ ଭେଦିବ ଯେତିକି,
ଅନ୍ତକ ରଗଡ଼େ ଝିଙ୍କିବ ତେତିକି,
ସେ କଠିନ ଝିଙ୍କାଝିଙ୍କିରୁ ନିସ୍ତାର-
ଲାଭ ଲାଗି ଆଗୁଁ ହୁଅ ହୁସିଆର,
ବେଳ ଥାଉଁ ଥାଉଁ ଅର୍ଜିତ ଧରମ
ଜନ୍ମ-ଅନୁରୂପେ ଦେଖାଅ କରମ;

ଜନ୍ମ ଫଳେ ଭବେ ବଡ଼ପଣ ପାଇ
ଧର୍ମ ଫଳେ ତାକୁ କର ଚିରସ୍ଥାୟୀ;
ଧର୍ମ ଏକ ପୋତ ଗଢ଼ିଛନ୍ତି ବିଧି
ତରିବାକୁ ଏହି ସଂସାର-ବାରିଧି,
ଧର୍ମ ଏକା ସିନା ମହତପଣିଆ,
ଆଉ ବଡ଼ପଣ ଅଢ଼େଇ ଦିନିଆ,
ବଡ଼ପଣ, ଭାଇ, ଏକାସିନା ସେହି,
ଛଡ଼ାଇ କେହି ଯା ନ ପାରଇ ନେଇ,
ବଡ଼ପଣ ସେହି, ଅନ୍ତେସୁଦ୍ଧା ଯାର
ସୌରଭେ ଚହଟୁଥାଏ ଏ ସଂସାର
ବଡ଼ପଣେ ସିନା ସେହି ତାକୁ ଗଣି,
ଯେଉଁ ବଡ଼ପଣ ଦ୍ୟୁଲୋକ ସାଧନୀ,
ସେହି ସିନା ବଡ଼ପଣ ଯହିଁ ଲାଗି
ଅନ୍ତକର ବଜ୍ର-ଦନ୍ତ ଯାଏ ଭାଙ୍ଗି,
ସେହି ବଡ଼ପଣେ ବଳାଅ ମତିକି,
କାଳ ନ ପାରିବ ପଶି ଯା କତିକି;
ହେଳା କର ନାହିଁ ପାଇ ଏ ସୁବିଧା
ଲଭିବାକୁ ସେହି ବଡ଼ପଣ ନିଦା,
ସଂସାରର ତ୍ୱକସାର ବଡ଼ପଣ-
ଲାଳସାରୁ ନିଅ ବାହୁଡ଼ାଇ ମନ;
ଉଦାସୀନ ନେତ୍ରେ ଦୁନିଆର ମାନ
ଦେଖି କର ମନ ଧର୍ମେ ଏକତାନ,
ରାଜଧର୍ମେ ଆତ୍ମ ତତ୍ତ୍ୱେ ଦେଇ ମତି
ଉଚ୍ଚ ହୋଇ ଲଭ ଉଚ୍ଚତର ଗତି ।

ସୂଚନା :

ଧର୍ମ ଚିରନ୍ତନ । ଧର୍ମରେ ମନୁଷ୍ୟର ମହତ୍ତ୍ୱ ବିଦ୍ୟମାନ । ଧର୍ମ ବିନା ଧନ ଜନ ଯୌବନ ପଦ ପଦବୀର ବଡ଼ପଣିଆ ଅଢ଼େଇ ଦିନିଆ, ଅସାର, ଅକାରଣ । ମୃତ୍ୟୁ ପ୍ରତି ସଦା ସଚେତନ ରହି ଧର୍ମ ଧାରଣ ଓ କର୍ମ ସାଧନ ବଳରେ ନିଜକୁ ବଡ଼ କରି ଗଢ଼ିବା ପାଇଁ କବି ଶଂସିତ କବିତା ମାଧ୍ୟମରେ ଆହ୍ୱାନ ଦେଇଅଛନ୍ତି ।

ଘଟ - ଜଳ କଳସୀ
ସଲିଳ - ଜଳ

କାଳ - ମୃତ୍ୟୁ, ଯମ, ସମୟ
ଛାମୁରେ- ସମ୍ମୁଖରେ
ବିଧି - ନିୟମ, ବିଧାତା
ନିତ୍ୟାଗାମି- ପ୍ରତିଦିନ ଆସିବା, ସଦା ଗମନ କରୁଥିବା
ଆବର୍ତ୍ତନ- ଘୂର୍ଣ୍ଣନ
ଅନ୍ତକ- ଅନ୍ତ ବା ବିନାଶକାରୀ, ଯମ
ରଗଡ଼େ- ରଗଡ଼ିବା, ଘୋଷାରିବା, ଟାଣିବା
ନିସ୍ତାର- ରକ୍ଷା ପାଇବା
ପୋତ- ଜାହାଜ
ବାରିଧି- ସମୁଦ୍ର
ସୌରଭ- ସୁଗନ୍ଧ, ସୁବାସ
ଚହଟ- ଝଟକ, କାନ୍ତି, ଉଜ୍ଜ୍ୱଳ
ଦ୍ୟୁଲୋକ- ସ୍ୱର୍ଗ, ସ୍ୱର୍ଗପୁର
ସାଧନୀ- (ସାଧନ-ଈ) ସାଧନ କରିବାର ମାଧ୍ୟମ
ତ୍ୱକସାର- ପୋଲା ବା ଫମ୍ପା
ଲାଳସା - ପାଇବାର ବଳବତୀ ଇଚ୍ଛା, ଲୋଭ
ଉଦାସୀନ- ଅନାସକ୍ତ
ତତ୍ତ୍ୱ- ସାରକଥା, ଗଭୀର ଜ୍ଞାନ କଥା
ଆତ୍ମତତ୍ତ୍ୱ- ଆତ୍ମଜ୍ଞାନ

## ପ୍ରଶ୍ନାବଳୀ

ନିର୍ଦ୍ଦିଷ୍ଟ ଉତ୍ତରମୂଳକ :

୧. ଶଂସିତ କବିତାଟି କେଉଁ ଛନ୍ଦରେ ରଚିତ ?
(କ) ବିଭାସ କେଦାର, (ଖ) କଳହଂସ କେଦାର,
(ଗ) ନଟବାଣୀ, (ଘ) ଗୁଜ୍ଜରୀ

୨. ''ସେହି ବଡ଼ ପଣେ ବଳାଅ ମତିକି,
କାଳ ନ ପାରିବ ପଶିଯା କତିକି ।'' ଏଥିରେ କବି କେଉଁ ଅଳଂକାର ପ୍ରୟୋଗ କରିଛନ୍ତି ?
(କ) ଯମକ, (ଖ) ଅନୁପ୍ରାସ, (ଗ) ଶ୍ଳେଷ

୩. ଆୟୁ-ସୂର୍ଯ୍ୟର ବ୍ୟାସବାକ୍ୟ କ'ଣ ହେବ ?
(କ) ଆୟୁ ରୂପକ ସୂର୍ଯ୍ୟ, (ଖ) ଆୟୁର ସୂର୍ଯ୍ୟ,
(ଗ) ଆୟୁ ଓ ସୂର୍ଯ୍ୟ, (ଘ) ଆୟୁ ଅଟେ ସୂର୍ଯ୍ୟ

୪. ''ଭଗ୍ନ ଘଟୁ ଆହା ସଳିଳ ଯେସନ,
ସରିଯାଉଅଛି ଆୟୁ ପ୍ରତିକ୍ଷଣ ।''
ଏଥିରେ କବିଙ୍କର କେଉଁ ଭାବ ପ୍ରକାଶ ପାଇଅଛି ?
(କ) ମୃତ୍ୟୁ ଚେତନା (ଖ) ଆୟୁଚେତନା
(ଗ) ନୈରାଶ୍ୟ ଭାବ (ଘ) ବିଷାଦ ଭାବ

୫. ନିମ୍ନ ପଦଦ୍ୱୟରୁ କବି କେଉଁଥିରେ ରୂପକ ଅଳଂକାର ପ୍ରୟୋଗ କରିଛନ୍ତି ?
(କ) ''ବେଳ ଥାଉଁ ଥାଉଁ ଅରଜି ଧରମ, ଜନ୍ମ ଅନୁରୂପେ ଦେଖାଅ କରମ ।''
(ଖ) ''ଧର୍ମ ଏକ ପୋତ ଗଢ଼ିଛନ୍ତି ବିଧି, ତରିବାକୁ ଏହି ସଂସାର ବାରିଧି ।''

୬. 'ଗୋଚର' ଶବ୍ଦର ବିପରୀତ ଅର୍ଥବୋଧକ ଶବ୍ଦ ବାଛ ।
(କ) ଅଚର, (ଖ) ବିଚର,
(ଗ) ସଚର, (ଘ) ଅଗୋଚର

୭. ନିତ୍ୟାଗମର ଶୁଦ୍ଧ ସନ୍ଧିରୂପ ନିରୂପଣ କର ।
(କ) ନିତ୍ୟ + ଆଗମ, (ଖ) ନିତ୍ୟା+ଗମ,
(ଗ) ନିତି + ଆଗମ, (ଘ) ନିତ୍ୟ + ଗମ

କ୍ଷୁଦ୍ର ଉତ୍ତରମୂଳକ :

୮. ଆୟୁ କିପରି ସରିଯାଉଛି ?
୯. କାଳ କାହିଁକି କ୍ରୁର ଅଟେ ?
୧୦. କାଳ କାହା ପଛରେ ଲୁଚି ବସିଥାଏ ?
୧୧. ଆମ୍ଭମାନଙ୍କର କ'ଣ ପାଖେଇ ଆସୁଛି ବୋଲି କବି ସତର୍କ କରାଇଛନ୍ତି ?
୧୨. ମାୟାର ଛାୟା କିପରି ବଢ଼ିଯାଏ ?
୧୩. ଆମେ କ'ଣ ପାଇଁ ହୁସିଆର ହେବା ?
୧୪. ବେଳ ଥାଉଁ ଥାଉଁ ଆମେ କ'ଣ କରିବା ଉଚିତ ବୋଲି କବି କହିଛନ୍ତି ?
୧୫. କିଏ ଧର୍ମ ପୋତ ଗଢ଼ିଛନ୍ତି ?
୧୬. କେଉଁଥିରେ ମନୁଷ୍ୟର ମହତ୍ତ୍ୱ ସୂଚିତ ହୁଏ ?
୧୭. ଅନ୍ତକର ବଜ୍ରଦନ୍ତ କେଉଁଠି ଭାଙ୍ଗିଯାଏ ?
୧୮. ବଡ଼ପଣ ପାଖକୁ କିଏ ପଶିପାରେ ନାହିଁ ?
୧୯. ବଡ଼ପଣକୁ ନିଦା କହିବାର ତାତ୍ପର୍ଯ୍ୟ କ'ଣ ?
୨୦. ଉଦାସୀନ ନେତ୍ରରେ ଦୁନିଆକୁ ଦେଖିବାକୁ କବି କାହିଁକି କହିଛନ୍ତି ?

୨୧. ଉଚ୍ଚତର ଗତି କିପରି ଲାଭ କରାଯାଇପାରେ ?

୨୨. କେଉଁଭଳି ବଡ଼ପଣ ସମସ୍ତଙ୍କର କାମ୍ୟ ?

ସପ୍ରସଙ୍ଗ ସରଳାର୍ଥ ଲେଖ ।

୨୩. ''ବଡ଼ କ୍ରୁର କାଳ ବଡ଼ ଅବିଶ୍ଵାସୀ,
ହାବୋଡ଼ି ଯିବ ସେ ଆଚମ୍ବିତେ ଆସି ।''

୨୪. ''ମାୟାଚେର ତଳେ ଭେଦିବ ଯେତିକି,
ଅନ୍ତକ ରଗଡ଼େ ଝିଙ୍କିବ ତେତିକି ।''

୨୫. ''ଧର୍ମ ଏକା ସିନା ମହତ ପଣିଆ,
ଆଉ ବଡ଼ପଣ ଅଢ଼େଇ ଦିନିଆ ।''

୨୬. ''ଉଦାସୀନ ନେତ୍ରେ ଦୁନିଆର ମାନ,
ଦେଖି କର ମନ ଧର୍ମେ ଏକତାନ ।''

ଦୀର୍ଘ ଉତ୍ତରମୂଳକ :

୨୭. 'ବଡ଼ପଣ' କବିତାରୁ କବିଙ୍କର ଜୀବନ ପ୍ରତି ଦୃଷ୍ଟିଭଙ୍ଗୀର ପରିଚୟ ଦିଅ ।

୨୮. ମଣିଷର ବଡ଼ପଣ ପାଇଁ ଧର୍ମର ଭୂମିକା ଗୁରୁତ୍ଵପୂର୍ଣ୍ଣ- ଆଲୋଚନା କର ।

୨୯. 'ବଡ଼ପଣ' କବିତା କେବଳ ଜୀବନ ଦର୍ଶନରେ ଗୁରୁଗମ୍ଭୀର ନୁହେଁ; ଅପୂର୍ବ କବିତ୍ଵରେ ମଧ୍ୟ ଅନୁରଞ୍ଜିତ–ବିଚାର କର ।

ତୁମପାଇଁ କାମ :

୩୦. କବିବର ରାଧାନାଥଙ୍କ ଜୀବନୀ ସଂଗ୍ରହ କରି ପାଠ କର ।

୩୧. 'ବଡ଼ପଣ' କବିତାରୁ କିଛି ଜୀବନୋପଯୋଗୀ ପଦ ମନେରଖ ।

୩୨. ସମୟ ସୁବିଧା ଦେଖି ରାଧାନାଥ ଗ୍ରନ୍ଥାବଳୀ ପାଠକର ଓ ତାଙ୍କ ଜନ୍ମପୀଠ ଭ୍ରମଣରେ ଯାଅ ।